# ସ୍ଥିତି ହରାଇଲାଣି କୁଣ୍ଡିନଈ

**ସଂସ୍କାର ପାଇଁ ନିଆଯାଉନି ପଦକ୍ଷେପ**

- ବର୍ଷରେ ୮ ମାସ ଶୁଖିଲା ପଡୁଛି
- ଶସ୍ୟଶ୍ୟାମଳା ହୋଇପାରୁନି ୮ ପଞ୍ଚାୟତ



ଦୋଳସାହିଠାରେ କୁଣ୍ଡିନଈ ଶୁଖିଲା ପଡ଼ିଛି।

ତିହିଡି, ୨୧।୬ (ଡି.ଏନ.ଏ.)

ଭଦ୍ରକ ଜିଲାରେ ପ୍ରବାହିତ ସାଳନ୍ଦୀର ଶାଖାନଦୀ କୁଣ୍ଡିନଈ ସ୍ଥିତି ହରାଇଲାଣି। ତିହିଡ଼ି ଓ ଭଦ୍ରକ ବ୍ଲକର ୮ଟି ପଞ୍ଚାୟତ ଦିନେ ଏହି ନଈ ପାଇଁ ଶସ୍ୟଶ୍ୟାମଳା ହେଉଥିଲା। ଚାଷୀମାନଙ୍କ ଆର୍ଥିକ ଅବସ୍ଥାର ପରିବର୍ତ୍ତନ ପାଇଁ ମୁଖ୍ୟ ଭୂମିକା ନେଉଥିଲା ଏହି ନଦୀ। ମାତ୍ର ଏବେ ଏହି ନଈ ବର୍ଷରେ ୮ ମାସ ଶୁଖିଲା ପଡୁଛି। ଦୀର୍ଘବର୍ଷ ଧରି ନଈ ସଂସ୍କାର ହୋଇ ନ ଥିବାରୁ ଏପରି ପରିସ୍ଥିତି ଉପୁଜିଛି ବୋଲି ଅଭିଯୋଗ ହେଉଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ନଦୀ ସଂସ୍କାର ଦାବିରେ ବାରମ୍ବାର ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯାଇଛି। ହେଲେ କୌଣସି ସୁଫଳ ମିଳୁ ନାହିଁ। ଏହି ନଦୀ ସଂସ୍କାର ପାଇଁ କୌଣସି ବ୍ୟୟ ଅଟକଳ ନ ଥିବା ସାଳନ୍ଦୀ ଜଳସେଚନ ବିଭାଗ ସୂତ୍ରରୁ ଜଣାଯାଇଛି। କୁଣ୍ଡିନଈ ସାଳନ୍ଦୀରୁ ବାହାରି ଭଦ୍ରକ ବ୍ଲକର ବେନ୍ତାଳ ଓ କେଦାରପୁର ଏବଂ ତିହିଡି ବ୍ଲକର ଦୋଳସାହି, ନୂଆନନ୍ଦ, ପାଳିଆବିନ୍ଧା, ଅଚକ, ମହରମପୁର ଓ ସୟା ପଞ୍ଚାୟତରେ ପ୍ରବାହିତ ହୋଇଛି। ପରେ ଏହା ଧଳା ନଈରେ ପରିଣତ ହୋଇ ମନ୍ତେଇ ନଦୀରେ ମିଶିଛି। ପୂର୍ବରୁ ଏହି ନଦୀର ପାଣିକୁ ବିନିଯୋଗ କରି ଚାଷୀମାନେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲେ। ଏଥିସହ ଧାନ ଚାଷ ପାଇଁ ମଧ ନଈ ପାଣି ବ୍ୟବହାର କରାଯାଉଥିଲା। ବନ୍ୟା ସମୟରେ ଚାଷଜମିର ଅଧିକ ପାଣି ନଈ ମାଧ୍ୟମରେ ସମୁଦ୍ରକୁ ନିଷ୍କାସିତ ହୋଇଯାଉଥିଲା। ମୁଖ୍ୟତଃ ୨ଟି ବ୍ଲକର ଚାଷୀଙ୍କ ପାଇଁ ଆଶୀର୍ବାଦ ପାଲଟିଥିଲା କୁଣ୍ଡିନଈ। ଏବେ ନଈ ପ୍ରାୟତଃ ବିଲୁପ୍ତ ହେବାକୁ ବସିଛି। ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ଧସି ମଧ ନଈ ସଙ୍କୁଚିତ ହୋଇଯାଇଛି। ଏଭଳି ସ୍ଥିତିରେ ସଂସ୍କାର ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ସଂସ୍କାର ନ ହେଲେ ଆଗାମୀ ଦିନରେ ସାଳନ୍ଦୀ ଜଳସେଚନ ବିଭାଗର ନକ୍ସାରୁ କୁଣ୍ଡିନଈ ହଜିଯିବ ବୋଲି କହିଛନ୍ତି ପାଳିଆବିନ୍ଧା ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ନାୟକ। କ୍ଷେତ ମଜ୍ଦୁର ୟୁନିୟନର ଜିଲା ସମ୍ପାଦକ ଦାମୋଦର ସେନାପତି ଏହି ନଦୀ ସଂସ୍କାର ଦାବିରେ ଅନେକଥର ଆନ୍ଦୋଳନ କରାଯାଇଛି ଏବଂ ସଂସ୍କାର ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସାଳନ୍ଦୀ ଜଳସେଚନ ବିଭାଗର କନିଷ୍ଠଯନ୍ତ୍ରୀ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କୁ ପଚାରିବାରୁ କହିଛନ୍ତି, କୁଣ୍ଡିନଈର ସଂସ୍କାର ପାଇଁ ବିଭାଗ ପକ୍ଷରୁ ପ୍ରସ୍ତାବ ପଠାଯାଇଥିଲା। ମାତ୍ର ଏହାକୁ ମଞ୍ଜୁରୀ ମିଳିନାହିଁ। ପ୍ରସ୍ତାବ ମଞ୍ଜୁର ହୋଇ ଅନୁଦାନ ମିଳିଲେ ସଂସ୍କାର ଦିଗରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ବିଦ୍ୟାଳୟରୁ ଚୋରି

**ବନ୍ତ, ୨୧।୬ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଶ୍ରେଣୀଗୃହ ତାଲା ଭାଙ୍ଗି ୫ଟି ଫ୍ୟାନ୍ ଚୋରି କରି ନେଇଯାଇଛନ୍ତି। ଶୁକ୍ରବାର ସକାଳେ ବିଦ୍ୟାଳୟକୁ ଶିକ୍ଷକମାନେ ଆସି ଚୋରି ହୋଇଥିବା ଦେଖିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନା ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇବା ସହ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ଉକ୍ତ ବିଦ୍ୟାଳୟରେ ପ୍ରତିବର୍ଷ ଚୋରି ଘଟଣା ଘଟୁଛି। ଦୁର୍ବୃତ୍ତମାନେ ବିଭିନ୍ନ ସମୟରେ ତାଲା ଭାଙ୍ଗି ମଧ୍ୟାହ୍ନ ଭୋଜନ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ଏପରିକି ଥରେ କମ୍ପ୍ୟୁଟର ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ରାତିରେ ଏହି ବିଦ୍ୟାଳୟ ପରିସରରେ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ସହିତ ତାସ, ଜୁଆ ଆଦି ଖେଳ ଚାଲିଥିବା ଅଭିଯୋଗ ହୋଇଛି।

### ବଳଦ ଚୋରି ଅଭିଯୋଗରେ ଯୁବକ ଗିରଫ

**ଧାମନଗର, ୨୧।୬ (ଡି.ଏନ.ଏ.):** ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଖଡ଼ିମାହାରା ଗ୍ରାମର ଚିତ୍ତରଞ୍ଜନ ନାୟକ ନାମକ ଯୁବକଙ୍କୁ ବଳଦ ଚୋରି ଅଭିଯୋଗରେ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଚିତ୍ତରଞ୍ଜନ ଗୋରୁ ବିକ୍ରି ବ୍ୟବସାୟ କରିଆସୁଥିବା ବେଳେ ବ୍ରାହ୍ମଣପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ବଳଦକୁ ଦରଦାମ୍ କରିଥିଲେ। ବୁଧବାର ସେହି ବଳଦକୁ ବିଲରୁ ଗାଡ଼ିରେ ଉଠାଇ ନେଉଥିବା ବେଳେ ଏକ ଖାଲୁଆ ଜାଗାରେ ଗାଡ଼ି ଫସିଯିବାରୁ ସ୍ଥାନୀୟ ଲୋକେ ବଳଦ ଚୋରି ହୋଇଥିବା ନେଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବଳଦକୁ ଉଦ୍ଧାର କରି ମାଲିକଙ୍କୁ ହସ୍ତାନ୍ତର କରିବା ସହ ଚିତ୍ତରଞ୍ଜନଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପୋଲିସ ଏକ ମାମଲା(ନଂ.୧୦୮/୧୯) ରୁଜୁ କରି ଚିତ୍ତରଞ୍ଜନଙ୍କୁ କୋର୍ଟ ଚାଲାଣ କରିଛି।

## ବାଣିଜ୍ୟରେ ୯୩, କଳାରେ ୮୮ ପ୍ରତିଶତ ପାସ୍ ହାର

ଭଦ୍ରକ ଅଫିସ, ୨୧।୬

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବାଣିଜ୍ୟ ଓ କଳା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଛାତ୍ର ଅମନ ମାୱାର ୫୫୭ ନମ୍ବର ରଖି ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ୧୩୯ ଜଣ ପ୍ରଥମ, ୫୩ ଜଣ ଦ୍ୱିତୀୟ ଓ ୪୯ ଜଣ ତୃତୀୟ ଶ୍ରେଣୀରେ ମୋଟ ୨୪୧ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୨୫୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବାଣିଜ୍ୟରେ ୯୩ ପ୍ରତିଶତ ପାସ୍‌ହାର ରହିଥିବା ଜଣାଯାଇଛି। ସେହିପରି କଳାରେ ଜଗନ୍ନାଥ ବେହେରା ୫୧୪ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ମୋଟ ୪୯୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୪୩ ଜଣ ପାସ୍ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୧୯୬ ଜଣ ପ୍ରଥମ, ୯୯ ଜଣ ଦ୍ୱିତୀୟ ଓ ୧୪୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ୮୮ ପ୍ରତିଶତ ପାସ୍‌ହାର ହୋଇଥିବା ଜଣାଯାଇଛି।

## ବିନାୟକ କଲେଜ ଛାତ୍ରୀଛାତ୍ରଙ୍କ ବାଜିମାତ୍

ଭଦ୍ରକ ଅଫିସ, ୨୧।୬

ଯୁକ୍ତ ୨ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ପ୍ରକାଶ ପାଇଛି। କ୍ରମାଗତ ଅଷ୍ଟମ ଥର ପାଇଁ ପ୍ରମୁଖ ଆବାସିକ ମହାବିଦ୍ୟାଳୟ ବିନାୟକ ରେସିଡେନ୍ସିଆଲ ହାୟର ସେକେଣ୍ଡାରି ସ୍କୁଲ ଆଶାତୀତ ସଫଳତା ହାସଲ କରିଛି। ଜିଲାର ମୋଟ ୧୨ଟି ଆବାସିକ ମହାବିଦ୍ୟାଳୟ ମଧ୍ୟରୁ ଏହି କଲେଜ ସଫଳତାର ଶୀର୍ଷରେ ରହିଛି। କଲେଜ ଅଧକ୍ଷ ପ୍ରଭାତ ପ୍ରଭାକର ପାଢ଼ୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ମହାବିଦ୍ୟାଳୟର ମୋଟ ୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୯ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ ଓ ୧୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ପାସ୍‌ହାର ୧୦୦ ପ୍ରତିଶତ ରହିଛି। ଛାତ୍ର ସଞ୍ଜୟ କୁମାର ମଣ୍ଡଳ ସର୍ବାଧିକ ୪୭୮ ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ଓ ଜୀବନାନନ୍ଦ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ମନ୍ଦିର ପରିଚାଳନାରେ ଅବ୍ୟବସ୍ଥା: ପାଣିଟାଙ୍କିରେ ମଲାକାଉ

ଆରଡ଼ି, ୨୧।୬(ଡି.ଏନ.ଏ.)



ପାଣିଟାଙ୍କିରେ ଏକ ମଲାକାଉ ପଡ଼ିଛି।

ଭଦ୍ରକ ଜିଲାର ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣି ମନ୍ଦିର ପରିଚାଳନାରେ ତ୍ରୁଟି ଘଟିଛି। ମନ୍ଦିର ରୋଷେଇ ଘର ଛାତ ଉପରେ ଥିବା ଏକ ପାଣିଟାଙ୍କିରେ ମଲାକାଉ ପଡ଼ିଥିବା ଶୁକ୍ରବାର ଦେଖିବାକୁ ମିଳିଥିଲା। ଏହାକୁ ନେଇ ସେବାୟତ ଓ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୀର୍ଘଦିନ ପରେ ମନ୍ଦିର କର୍ମଚାରୀମାନେ ରୋଷେଇ ଘର ଓ କାର୍ଯ୍ୟାଳୟ ଛାତ ଉପରେ ଥିବା ପାଣିଟାଙ୍କି ସଫା କରୁଥିଲେ। ଏକ ପାଣିଟାଙ୍କିରେ ମଲାକାଉ ଦେଖି ସେମାନେ ଏହାକୁ କୌଶଳରେ ଫିଙ୍ଗି ଦେବାକୁ ଉଦ୍ୟମ କରୁଥିବା ବେଳେ କେତେକ ସେବାୟତଙ୍କ ନଜରକୁ ଆସିଥିଲା ବୋଲି ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ, ମଲାକାଉ ପଡ଼ିଥିବା ପାଣିଟାଙ୍କିରୁ ଜଳ ନେଇ ପ୍ରତିଦିନ ସେବାୟତମାନେ ରୋଷେଇ କାର୍ଯ୍ୟ ସମାପନ କରିଥାନ୍ତି। ଏଥିସହିତ ସର୍ବସାଧାରଣ ମଧ ଏହି ଟାଙ୍କିର ଜଳ ବ୍ୟବହାର କରନ୍ତି। ହେଲେ ଦାୟିତ୍ୱହୀନ ଭାବେ ମନ୍ଦିର ପରିଚାଳକ ଓ କର୍ମଚାରୀ ପାଣିଟାଙ୍କିର ଢାଙ୍କୁଣି ଅଛି କି ନାହିଁ, ତାହାର ତଦାରଖ ନ କରିବାରୁ ମନ୍ଦିର ପରିଚାଳନା ତ୍ରୁଟି ନେଇ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ସେବାୟତମାନେ ଅଭିଯୋଗ କରିଛନ୍ତି। ଏଥିନେଇ ସେମାନେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଯୁବ ସେବାୟତ ମାନସ କୁମାର ପାଢ଼ୀ ପାଣିଟାଙ୍କିରେ ମଲାକାଉ ଭାସିବା ଏବଂ ଏହି ପାଣିକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯିବା ଅତ୍ୟନ୍ତ ନିନ୍ଦନୀୟ କଥା ବୋଲି କହିଛନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ କହିଛନ୍ତି, ଫନୀ ବାତ୍ୟାରେ ପାଣିଟାଙ୍କିରୁ ଢାଙ୍କୁଣି ଉଡ଼ି ଯାଇଥିଲା। ପରେ ଏହାର ବ୍ୟବସ୍ଥା କରାଯାଇଥିଲା। ହେଲେ ପୁଣି କେବେ ଏହି ଢାଙ୍କୁଣି ଉଡ଼ିଯାଇଛି ତାହା ଜଣାନାହିଁ। ପରବର୍ତ୍ତୀ ସମୟରେ ଏଭଳି ତ୍ରୁଟି ଆଉ ହେବ ନାହିଁ ବୋଲି ସେ କହିଛନ୍ତି।

## କବି ନିମାଇଁଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି, ୨୧।୬ (ଡି.ଏନ.ଏ.)

ତିହିଡ଼ିର ପ୍ରଗତିଶୀଳ ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ସଙ୍ଗଠନ ସଖା ପକ୍ଷରୁ ସ୍ୱର୍ଗତ କବି ନିମାଇଁ ଚରଣ ଭୂୟାଁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତିହିଡ଼ି ଶିଶୁମନ୍ଦିର ପରିସରରେ ଆୟୋଜିତ ସଭାରେ ସଖାର ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ କୀର୍ତ୍ତନ ରାଉତ, କବି ସଞ୍ଜିତ୍ ବଳ, ଖବରଦାତା ରାମନାରାୟଣ ନାୟକ, ପୀତାମ୍ବର ସେଠୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କବି ସୁଧାରଞ୍ଜନ ମହାନ୍ତି, ବସନ୍ତ ଦାସ, ବିଶ୍ୱମୈତ୍ରୀ ନାୟକ, ରତିକାନ୍ତ ଦାସ, କୈଳାସ ବେହେରା, ଭାଗବତ ସେନାପତି, ମନୋରଞ୍ଜନ ମୁଦୁଲି, ନିର୍ମଳ ଦଳେଇ, ମୁନା ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ମୌସୁମୀ ବର୍ଷା ଯୋଗୁ ଉପସ୍ଥାନ ହାର କମିଲା



ବନ୍ତରେ ଏକ ବିଦ୍ୟାଳୟକୁ କମ୍ ପିଲା ଆସିଛନ୍ତି।

ବନ୍ତ,୨୧।୬ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଶୁକ୍ରବାର ସମସ୍ତ ବିଦ୍ୟାଳୟ ଖୋଲାଯାଇଛି। ହେଲେ ଶୁକ୍ରବାର ସକାଳଠାରୁ ମୌସୁମୀ ବର୍ଷା ଲାଗି ରହିବାରୁ ବନ୍ତ ବ୍ଲକରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଛାତ୍ରୀଛାତ୍ର ଉପସ୍ଥାନ ହାର କମ୍ ହୋଇଛି। ବିଦ୍ୟାଳୟ ଖୋଲୁଥିବା ଯୋଗୁ ପିଲାମାନଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। ମାତ୍ର ସକାଳୁ ବର୍ଷା ଲାଗି ରହିବା ଫଳରେ ସେମାନଙ୍କ ମନ ଫିକା ପଡ଼ିଯାଇଥିଲା। କେତେକ ପିଲା ବହୁ କଷ୍ଟରେ ସ୍କୁଲକୁ ଯାଇଥିବା ଦେଖାଯାଇଛି। ସେହିପରି ରାଜ୍ୟ ସରକାର ବିଦ୍ୟାଳୟ ଖୋଲାଯିବା ନେଇ ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନ କରିଥିବାରୁ ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି।

## 'ବିରାଟ' ଉଦ୍‌ଯାପିତ



**କପ୍ତିପଦା,୨୧।୬(ଡି.ଏନ.ଏ):** କପ୍ତିପଦା ଗଣ ମହୋତ୍ସବ 'ବିରାଟ' ଶେଷ ହୋଇଛି। ଉଦଯାପନୀ ଉତ୍ସବରେ କପ୍ତିପଦା ବ୍ଲକ୍‌ର ପୂର୍ବତନ ଅଧକ୍ଷ ତଥା ସମାଜସେବୀ ବେଣୁଧର ଦାସ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ତହସିଲଦାର ପ୍ରଦୀପ କୁମାର ବେହେରା, ବିଶିଷ୍ଟ ଅତିଥି ଭାବେ ବିଡ଼ିଓ ରବୀନ୍ଦ୍ର କୁମାର ମଲ୍ଲିକ୍, ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶଶୀଧର ସିଂ, ସମ୍ମାନିତ ବକ୍ତା ଭାବେ କପ୍ତିପଦା ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଚନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଗଣ ମହୋତ୍ସବର ଦୀର୍ଘାୟୁ କାମନା କରିଥିଲେ। ଶିକ୍ଷକ ରାଜକିଶୋର ବେହେରା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ବିବରଣୀ ପାଠ କରିଥିଲେ କମିଟିର ଯୁଗ୍ମ ସମ୍ପାଦକ ତଥା ଅବସରପ୍ରାପ୍ତ ଶିକ୍ଷକ ଜୟଚନ୍ଦ୍ର ବେହେରା। ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ କୁମାର ତାପସ ଏବଂ ତାଙ୍କର ସହଯୋଗୀ। ଏହି ଅବସରରେ ବିଭିନ୍ନ ନୃତ୍ୟ ପରିବେଷିତ ହୋଇଥିବାବେଳେ ନାଟକ ବେଟି ବଚାଅ, ବେଟି ପଢ଼ାଅ ମଞ୍ଚସ୍ଥ ହୋଇଥିଲା। ପୂର୍ବରୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶରତ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, କୃଷ୍ଣଚନ୍ଦ୍ର ମିଶ୍ର, ଶତ୍ରୁଘ୍ନ ମହାନ୍ତି, ଭରତ ଚନ୍ଦ୍ର ବରାଳ, ରାଜକିଶୋର ବେହେରା, ଅମୀୟ ରଞ୍ଜନ ଦାସ, ଶ୍ୟାମସୁନ୍ଦର ମାର୍ଣ୍ଡି, ବନମାଳୀ ଦାଶ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ଗୋଲକ ଚନ୍ଦ୍ର ବେଜ, ପ୍ରଦୀପ ଦାସ, ମନୋରଞ୍ଜନ ଦାସ, ଆଶୀଷ କୁମାର ମଲ୍ଲିକ୍, ସୂର୍ଯ୍ୟରାଜ ବେହେରା, ପ୍ରମୋଦ ଦାଶ, ନିରଞ୍ଜନ ମହାନ୍ତି, ଚିତ୍ତରଞ୍ଜନ ମିଶ୍ର ଏବଂ ଗଣ ମହୋତ୍ସବ କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

## ମୟୂରଭଞ୍ଜରେ ୮୦୭.୧୪ ମିଲିମିଟର ବର୍ଷା

ବାରିପଦା ଅଫିସ,୨୧।୬

ମୟୂରଭଞ୍ଜ ଜିଲାରେ ଗୁରୁବାର ଅପରାହ୍ନଠାରୁ ଝିପି ଝିପି ବର୍ଷା ଲାଗି ରହିଛି। ଶୁକ୍ରବାର ସୁଦ୍ଧା ଜିଲାରେ ମୋଟ ୮୦୭.୧୪ ମିଲି ମିଟର ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରଜଣାପଡିଛି। ଜିଲାର ସମସ୍ତ ବ୍ଲକରେ ବର୍ଷା ହୋଇଥିବା ବେଳେ ଉଦଳା ବ୍ଲକରେ ସର୍ବାଧୀକ ୮୦.୬୦ ମିଲିମିଟର ବର୍ଷା ହୋଇଛି ଏବଂ ମୋରଡା ବ୍ଲକରେ ସର୍ବନିମ୍ନ ୭ ମିଲିମିଟର ବର୍ଷା ହୋଇଛି। ସେହିପରି ବାରିପଦା ବ୍ଲକରେ ୪୪ ମିଲି ମିଟିର, ରାଇରଙ୍ଗପୁର ବ୍ଲକରେ ୨୮ ମିଲିମିଟର ଏବଂ କରଞ୍ଜିଆ ବ୍ଲକରେ ୧୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

# ଉଦ୍ଧାର ଓ ରିଲିଫ କାର୍ଯ୍ୟ ସୁପରିଚାଳନା ଦିଗରେ ଗୁରୁତ୍ୱାରୋପ




ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ବାରିପଦା ଅଫିସ,୨୧।୬

ବାରିପଦା ସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶେଷ କରି ବର୍ଷାଋତୁରେ ସମ୍ଭାବ୍ୟ ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ଏବଂ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ନେଇ ଆଲୋଚନା କରାଯାଇଥିଲା। ଜିଲାପାଳ ଭରଦ୍ୱାଜ ଏସଆରସି ରିଲିଫ କୋର୍ଡ ଆଧାରିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିୟମ ନିର୍ଦ୍ଦେଶାବଳୀ ଅନୁସାରେ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାକ ପ୍ରସ୍ତୁତି, ଉଦ୍ଧାର ଓ ଥାଇଥାନ ଆଦି ଦିଗ ପ୍ରତି ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାରେ ଉଦଳା ବିଧାୟକ ଭାସ୍କର ମଢେଇ ଓ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ବନ୍ୟା ଓ ବାତ୍ୟା ସମୟରେ ଜିଲାର ବୁଢାବଳଙ୍ଗ, ଗଙ୍ଗାହାର ଓ ଅନ୍ୟାନ୍ୟ ଛୋଟ ବଡ ନଦୀ ପାର୍ଶ୍ୱବର୍ତ୍ତୀ ଜନସାଧାରଣଙ୍କୁ ଆଗୁଆ ସୂଚନା ଦେବା ସହ ନିରାପଦ ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଅଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଏବଂ ଆବଶ୍ୟକୀୟ ପରିମାଣର ଖାଦ୍ୟ ସାମଗ୍ରୀ ଆଦି ଆନୁସଙ୍ଗିକ ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲା ଜରୁରୀ କାର୍ଯ୍ୟାଳୟର ଟୋଲଫ୍ରି ନମ୍ବର (୧୦୭୭)କୁ ବନ୍ୟାବାତ୍ୟା ସମ୍ପର୍କୀତ ଜରୁରୀ ଖବର ଜଣାଇବାକୁ ପରାମର୍ଶ ଦିଆଯାଇଛି। ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତି, ଆଇଏଏସ ପ୍ରବେସନର ଭୂବନେଶ ଦେବୀଦାସ ପାଟିଲ, ଉଦଳା ଉପଜିଲାପାଳ ଭଗବାନ ବେହେରା, ରାଇରଙ୍ଗପୁର ଉପଜିଲାପାଳ ଧରମାନନ୍ଦ ବେହେରା, କରଞ୍ଜିଆ ଉପଜିଲାପାଳ ଶରତ କୁମାର ପୁରୋହିତ, ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ବିଭିନ୍ନ ବିଭାଗ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶା ଜୋନରେ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶିତ

# କଳାରେ ୬୭.୭୦, ବାଣିଜ୍ୟରେ ୬୫.୮୦ ପ୍ରତିଶତ ପାସ୍

ବାରିପଦା ଅଫିସ,୨୧।୬

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଏବଂ ବାଣିଜ୍ୟ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଉତ୍ତର ଓଡ଼ିଶା ଜୋନ ଅନ୍ତର୍ଗତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲାର କଳାରେ ୬୭.୭୦ ଏବଂ ବାଣିଜ୍ୟରେ ୬୫.୮୦ ପ୍ରତିଶତ ପରୀକ୍ଷାଫଳ ହୋଇଛି। ସେହିପରି ଭୋକେଶନାଲରେ ୫୬.୦୧ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବା ବାରିପଦାସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜୋନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

କଳା ପରୀକ୍ଷାରେ ଉତ୍ତର ଓଡ଼ିଶା ଜୋନର ମୋଟ ୪୪ହଜାର ୧୫୨ଜଣ ଫର୍ମ ପୂରଣ କରିଥିବା ବେଳେ ୪୩ ହଜାର ୪୬୬ଜଣ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୨୯ ହଜାର ୭୭୯ ଜଣ ପରୀକ୍ଷାର୍ଥୀ ପାସ କରିଛନ୍ତି। ୧୩ ହଜାର ୬୮୭ ଜଣ ଫେଲ୍ ହୋଇଛନ୍ତି। ମୟୂରଭଞ୍ଜ ଜିଲାରେ ୧୪ ହଜାର ୧୯୮ ଜଣ ପରୀକ୍ଷା ଦେଇଥିଲା ବେଳେ ମୋଟ ୯ ହଜାର ୭୧୧ ଜଣ ପାସ କରିଛନ୍ତି। ୯୦୫ ଜଣ ପ୍ରଥମ ଶ୍ରେଣୀ, ୧୪୭୩ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୭ ହଜାର ୩୨୮ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ସେହିପରି ୨୭ ଜଣ ଏମପିରେ ବୁକ ହୋଇଥିବା ବେଳେ ୫ ଜଣ କମ୍ପାଟମେଣ୍ଟରେ ପାସ କରିଛନ୍ତି। ବାଲେଶ୍ୱର ଜିଲାରେ ମୋଟ ୧୨ ହଜାର ୭୭୧ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯୬୬୫ ଜଣ ପାସ କରିଛନ୍ତି। ଏଥିରେ ୧୭ ଶହ ଜଣ ପ୍ରଥମ ଶ୍ରେଣୀ, ୧୭୭୪ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୬ ହଜାର ୧୮୦ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ସେହିପରି ୩୭ ଜଣ ଏମପିରେ ବୁକ ହୋଇଥିବା ବେଳେ ୧୧ଜଣ କମ୍ପାଟମେଣ୍ଟରେ ପାସ କରିଛନ୍ତି। ଭଦ୍ରକ ଜିଲାରେ ମୋଟ ୭ ହଜାର ୯୨୧ ଜଣ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୫ ହଜାର ୬୮୪ ଜଣ ପାସ କରିଛନ୍ତି। ୧୦୭୫ ଜଣ ପ୍ରଥମ ଶ୍ରେଣୀ, ୧୦୫୨ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୩ ହଜାର ୫୪୮ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୧୫ ଜଣ ଏମପିରେ ବୁକ ହୋଇଥିବା ବେଳେ ୯ ଜଣ କମ୍ପାଟମେଣ୍ଟରେ ପାସ କରିଛନ୍ତି। ସେହିପରି କେନ୍ଦୁଝର ଜିଲାରେ ମୋଟ ୮ ହଜାର ୫୭୬ ଜଣ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୪ ହଜାର ୭୧୯ ଜଣ ପାସ କରିଛନ୍ତି। ୩୨୮ଜଣ ପ୍ରଥମ ଶ୍ରେଣୀ, ୫୪୫ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୩ ହଜାର ୮୪୫ ଜଣ ତୃତୀୟ ଶ୍ରେଣୀରେ ପାସ କରଛନ୍ତି। ସେହିପରି ୩୬ ଜଣ ଏମପିରେ ବୁକ ହୋଇଥିବା ବେଳେ ଜଣେ କମ୍ପାଟମେଣ୍ଟରେ ପାସ କରିଛନ୍ତି।

ବାଣିଜ୍ୟ ପରୀକ୍ଷାରେ ମୟୂରଭଞ୍ଜ ଜିଲାରୁ ୯୬୦ ଜଣ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୬୦୯ ଜଣ ପାସ କରିଛନ୍ତି। ୧୦୧ ଜଣ ପ୍ରଥମ ଶ୍ରେଣୀ, ୧୦୬ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୪୦୧ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୨ ଜଣ ଏମପିରେ ବୁକ ହୋଇଥିବା ବେଳେ ଜଣେ କମ୍ପାଟମେଣ୍ଟରେ ପାସ କରିଛନ୍ତି। ଜିଲାର ପାସ ହାର ୬୩.୪୩ ପ୍ରତିଶତ ହୋଇଛି। ସେହିପରି ବାଲେଶ୍ୱର ଜିଲାରୁ ୧ ହଜାର ୪୪୬ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧ ହଜାର ୬୮ ଜଣ ପାସ କରିଛନ୍ତି। ୩୦୬ ଜଣ ପ୍ରଥମ ଶ୍ରେଣୀ, ୨୩୯ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୫୨୧ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୨ ଜଣ କମ୍ପାଟମେଣ୍ଟରେ ପାସ କରିଛନ୍ତି। ଜିଲାର ପାସହାର ୭୩.୮୫ ପ୍ରତିଶତ ହୋଇଛି।

ଭଦ୍ରକ ଜିଲାରୁ ମୋଟ ୧ ହଜାର ୫୯୬ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧ ହଜାର ୬୨ ଜଣ ପାସ କରିଛନ୍ତି। ୨୬୦ ଜଣ ପ୍ରଥମ ଶ୍ରେଣୀ, ୨୦୯ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୫୮୯ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୫ ଜଣ ଏମପିରେ ବୁକ ହୋଇଥିବା ବେଳେ ୪ ଜଣ କମ୍ପାଟମେଣ୍ଟରେ ପାସ କରିଛନ୍ତି। ଜିଲାର ମୋଟ ପାସହାର ୬୬.୫୪ ପ୍ରତିଶତ ହୋଇଛି। କେନ୍ଦୁଝର ଜିଲାରେ ମୋଟ ୭୪୯ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୪୫ଜଣ ପାସ କରିଛନ୍ତି। ୮୬ଜଣ ପ୍ରଥମ ଶ୍ରେଣୀ, ୭୩ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୨୮୬ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ଜିଲାରେ ମୋଟ ପାସ ହାର ୫୯.୪୧ପ୍ରତିଶତ ହୋଇଛି।

## ୨ ମଦ ବେପାରୀ ଗିରଫ

ବେତନଟୀ,୨୧।୬ (ଡି.ଏନ୍.ଏ.)

ବେତନଟୀ ଅବକାରୀ ସବ୍ ଇନ୍‌ସ୍‌ପେକ୍ଟର ଶ୍ରୀନିବାସ୍ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଅବକାରୀ ଟିମ୍ ଚଢାଉ କରି ୨ ମଦ ବେପାରୀଙ୍କୁ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କଉଡିଖଣି ଗ୍ରାମର ସୁଆଗୀ ମୁର୍ମୁ ଓ ପୁରୁଣାପାଣି ଗ୍ରାମର ଶୁକୁଲ୍ କିସ୍‌କୁ। ସୁଆଗୀଙ୍କ ଘରୁ ୫ ଲିଟର ଦେଶୀ ମଦ, ୮୦ କେ.ଜି. ପୋଚ ଓ ୩୦ କେ.ଜି. ବାଖର ଜବତ ହୋଇଛି। ସେହିପରି ଶୁକୁଲ୍‌ଙ୍କଠାରୁ ୧୨୦ କିଲୋ ମହୁଲ ଫୁଲ, ୧୦୦ କେ.ଜି. ପୋଚ ଓ ୨୦ ଲିଟର ଦେଶୀ ମଦ ଜବତ ହୋଇଛି। ଚଢାଉରେ ବେତନଟୀ ଅବକାରୀ ଏସ୍‌ଆଇଙ୍କ ସମେତ ଦାସରଥୀ ସାହୁ, ବେତନଟୀ ଅବକାରୀ କାର୍ଯ୍ୟାଳୟର ପ୍ରକାଶ ଦେବତା, ଦୁର୍ଗା ପ୍ରସାଦ ଗିରି, ବିଜୟ ମହାନ୍ତ ପ୍ରମୁଖ କର୍ମଚାରୀମାନେ ସାମିଲ ଥିଲେ।

## 'ଯୋଗ ଦୀର୍ଘାୟୁ କରିଥାଏ'



ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

ବଡସାହି,୨୧।୬(ସ୍ୱ.ପ୍ର)

ଯୋଗ ମଣିଷକୁ ଦୀର୍ଘାୟୁ କରିବା ସହ ଶାରିରିକ ଓ ଆଧ୍ୟାତ୍ମିକ ବିକାଶ ଘଟିଥାଏ। ରୋଗ ଓ ଦୁଶ୍ଚିନ୍ତାରୁ ମୁକ୍ତ ହେବା ପାଇଁ ଯୋଗର ଆବଶ୍ୟକତା ରହିଛି ବୋଲି ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଯୋଗ ଦିବସରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ଗାୟତ୍ରୀ ପରିବାରର ଜିଲା ସଦସ୍ୟ ରସାନନ୍ଦ ବଳ, ରମାକାନ୍ତ ଭୂୟାଁ, ପ୍ରବୋଧ ଚନ୍ଦ୍ର ଭୂୟାଁ ଓ ସମ୍ପାଦକ ନୀଳାଦ୍ରି ବିହାରୀ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ବିସିକେଶନ ପାତ୍ର ଓ ସୁମନ୍ତ କୁମାର ବେହେରା ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ବ୍ଲକସ୍ତରୀୟ ଯୋଗ ଦିବସ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୋଗସମିତିର ସଭାପତି ରାଜେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳୀ, ଡାକ୍ତର ସନତ କୁମାର ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ କୁମାର ଦାଶ, ଅଭୟ ମହାପାତ୍ର, ବଙ୍କିମ ବିହାରୀ ପାତ୍ର, ସନ୍ତୋଷ ବେହେରା ଓ ବିଭୂତି ଭୂଷଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରଥିଲେ।

## ସଂକ୍ଷେପରେ

### ପୋଲରୁ ଖସି ନଈରେ ବୁଡ଼ିଗଲେ ଯୁବକ

ତିହିଡ଼ି, ୨୧।୬ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ବିଲଣା ପଞ୍ଚାୟତ ଅଧୀନ ଲଞ୍ଜାତର ଗ୍ରାମର ଜଣେ ଯୁବକ ଗୁରୁବାର ରାତିରେ ସାଳନ୍ଦୀ ନଈରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ଯୁବକଙ୍କ ନାଁ ରାମକୃଷ୍ଣ ମଳିକ(୨୪)। ସେ ସାଳନ୍ଦୀ ନଦୀ ପୋଲ ଉପରେ ବସିଥିବା ବେଳେ ତଳକୁ ଖସିପଡ଼ିଥିଲେ। ଶୁକ୍ରବାର ସକାଳେ ନଈରୁ ତାଙ୍କ ମୃତଦେହକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପୁତୁରାଙ୍କୁ ଆକ୍ରମଣ ମାମଲା ଦାଦାଙ୍କୁ ୬ ବର୍ଷ ଜେଲ୍

**ଭଦ୍ରକ ଅଫିସ, ୨୧।୬:** ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁକ୍ରବାର ପୁତୁରାକୁ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଦାଦା ବାସୁଦେବପୁର ଥାନା ଅଧୀନ ବୈକୁଣ୍ଠପୁର ଗ୍ରାମର ବିପିନ ବାରିକଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ବର୍ଷ ଜେଲ୍ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଣି କରିଛନ୍ତି। ପ୍ରକାଶ ଯେ, ବୈକୁଣ୍ଠପୁର ଗ୍ରାମର ନରେନ୍ଦ୍ର ବାରିକଙ୍କ ପୁଅ ଦେବେନ୍ଦ୍ର ସେହି ଗ୍ରାମର କାମିନୀମଣି ଯେନାଙ୍କୁ ପ୍ରେମବିବାହ କରିଥିଲେ। ଦେବେନ୍ଦ୍ରଙ୍କ ପରିବାର ଏହି ବିବାହକୁ ବିରୋଧ କରି ଉଭୟଙ୍କୁ ଘରେ ପୁରାଇ ଦେଉ ନ ଥିଲେ। ଦେବେନ୍ଦ୍ର ତାଙ୍କ ଶ୍ୱଶୁରଘରେ ରହୁଥିଲେ। ୨୦୧୧ ଜୁନ୍ ୪ ତାରିଖ ସକାଳେ ଦେବେନ୍ଦ୍ର କୌଣସି କାମରେ ବ୍ରାହ୍ମଣୀଗାଁ ବଜାରକୁ ଯାଇଥିବା ବେଳେ ବିପିନ ତାଙ୍କୁ ଡାକି ଅଟକାଇଥିଲେ। ସେ ଏକ ଛୁରୀରେ ତାଙ୍କ ପେଟକୁ ଭୁଷି ଦେବାରୁ ଦେବେନ୍ଦ୍ର ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହୋଇଥିଲେ। ଏହି ଘଟଣାରେ ଦେବେନ୍ଦ୍ରଙ୍କ ସ୍ତ୍ରୀ କାମିନୀମଣି ବାସୁଦେବପୁର ଥାନାରେ ଏତଲା ଦେଇଥିଲେ। ଏନେଇ ଥାନାରେ ମାମଲା (ନଂ.୧୮୬/୨୦୧୧) ରୁଜୁ ହୋଇ ବିପିନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଯେନା ସମସ୍ତ ସାକ୍ଷ୍ୟ ବୟାନକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଯତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

# ରାଜ୍ୟରେ ବାଲେଶ୍ୱର ଆଗୁଆ

## କଳାରେ ଗୋବିନ୍ଦ, ବାଣିଜ୍ୟରେ ଅଜିତ୍, ହରେକୃଷ୍ଣ ଜିଲାରେ ପ୍ରଥମ

**ବାଲେଶ୍ୱର ଅଫିସ, ୨୧।୬**

ଶୁକ୍ରବାର ପ୍ରକାଶ ପାଇଛି ଯୁକ୍ତ ୨ କଳା ଓ ବାଣିଜ୍ୟ ପରୀକ୍ଷାଫଳ। ପାସ୍‌ହାରରେ ବାଲେଶ୍ୱର ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। କଳା ବିଭାଗରେ ଜିଲାର ୧୨ହଜାର ୭୭୧ ଜଣ ପରୀକ୍ଷା ଦେଇଥିବା ବେଳେ ୯ହଜାର ୬୬୫ (୭୫.୬୭%) ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ପ୍ରଥମଶ୍ରେଣୀରେ ୧ହଜାର ୭୦୦, ଦ୍ୱିତୀୟ ଶ୍ରେଣୀରେ ୧ହଜାର ୭୭୪, ତୃତୀୟ ଶ୍ରେଣୀରେ ୬ହଜାର ୧୮୦, କମ୍ପାର୍ଟମେଣ୍ଟାଲରେ ୧୧ଜଣ ପାସ୍ କରି ପ୍ରଥମସ୍ଥାନ ଅଧିକାର କରିଛି। ବାଲେଶ୍ୱର ଜିଲା ଭୋଗରାଇ ଗ୍ରାମ ଉଚ୍ଚଶିକ୍ଷା ପ୍ରତିଷ୍ଠାନ କଲେଜର ଛାତ୍ର ଗୋବିନ୍ଦ ଚନ୍ଦ୍ର ଖୁଲିଆ ୫୨୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜ୍ୟରେ ୧୦ତମ ସ୍ଥାନ ପାଇଛନ୍ତି। ଭୋଗରାଇ ମହିଳା କଲେଜ ଛାତ୍ରୀ ସୃପ୍ତିଦୀପ୍ତା ପ୍ରଧାନ

**ଯୁକ୍ତ ୨ କଳା, ବାଣିଜ୍ୟ ପରୀକ୍ଷା ଫଳାଫଳ**

୫୨୧ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ରାଜ୍ୟରେ ୧୧ତମ ସ୍ଥାନ ପାଇଛନ୍ତି।

ସେହିପରି ବାଣିଜ୍ୟରେ ଜିଲାରେ ୧ହଜାର ୪୪୬ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୧ହଜାର ୬୮ (୭୩.୮୫%) ଜଣ ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ପ୍ରଥମଶ୍ରେଣୀରେ ୩୦୬, ଦ୍ୱିତୀୟ ଶ୍ରେଣୀରେ ୨୩୯, ତୃତୀୟ ଶ୍ରେଣୀରେ ୫୨୧ ଏବଂ କମ୍ପାର୍ଟମେଣ୍ଟାଲରେ ୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫକୀରମୋହନ ଜୁନିୟର କଲେଜର ଛାତ୍ର ଅଜିତ କୁମାର ନାୟକ ଏବଂ ସ୍ୱସ୍ତିକ ରେସିଡେନ୍‌ସିଆଲ କଲେଜର ହରେକୃଷ୍ଣ ସାମଲ ଉଭୟ ୫୪୧ ନମ୍ବର ରଖି ଜିଲାରେ ପ୍ରଥମ ହୋଇଥିବା ବେଳେ ରାଜ୍ୟର ୧୪ତମ ସ୍ଥାନ ପାଇଛନ୍ତି। ଫକୀରମୋହନ ଜୁନିୟର କଲେଜର ଉମାକାନ୍ତ କର ୫୩୭ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

ଅପରପକ୍ଷରେ ଭୋକେଶନାଲରେ ୪୬୦ ଜଣ ପରୀକ୍ଷା ଦେଇଥିବା ବେଳେ ୩୪୨ (୭୪.୩୪%) ଜଣ ପାସ୍ ହୋଇଛନ୍ତି। ପ୍ରଥମଶ୍ରେଣୀରେ ୪୩, ଦ୍ୱିତୀୟଶ୍ରେଣୀରେ ୧୫୪, ତୃତୀୟ ଶ୍ରେଣୀରେ ୧୪୧ ଏବଂ କମ୍ପାର୍ଟମେଣ୍ଟାଲ ୪ଜଣ ପାସ୍ କରିଥିବା ଜଣାପଡ଼ିଛି।



ବାଘଡ଼ା ରୋଡ୍‌ରେ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

### ■ ରାସ୍ତାରେ ବର୍ଷା ଜଳ

## ବାଘଡ଼ା ରୋଡ୍‌ରେ ଟାୟାର ଜାଳି ରାସ୍ତାରୋକୋ

**ବାରିପଦା ଅଫିସ,୨୧।୬**

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଗତ ଗୁରୁବାର ଅପରାହ୍ଣଠାରୁ ବର୍ଷା ଲାଗି ରହିଛି। ସହରର ବ୍ୟସ୍ତ ବହୁଳ ବାଘଡା ରୋଡ୍‌ରେ ବର୍ଷା ଜଳ ଡ୍ରେନରେ ପ୍ରବାହିତ ନ ହୋଇ ରାସ୍ତାରେ ଜମି ରହିଛି। ଫଳରେ ରାସ୍ତାରେ ଯାଉଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଶୁକ୍ରବାର ଅପରାହ୍ଣ ୪ ଟା ଠାରୁ ମନ୍ତ୍ରୀ ଛକ ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ବିଭାଗୀୟ ଅଧିକାରୀ ଆସି ସ୍ଥାୟୀ ସମାଧାନ କରିବା ପାଇଁ ଦାବି କରିଥିଲେ। ବାରିପଦା ଟାଉନ ଥାନା ପୋଲିସ ଓ ପୂର୍ତ୍ତ ବିଭାଗ ଅଧିକାରୀ ଘଟଣାସ୍ଥଳରେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଆସନ୍ତା ରବିବାର ସୁଦ୍ଧା ସମସ୍ୟାର ସମାଧାନ କରାଯିବ ବୋଲି ପୂର୍ତ୍ତ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଏହି ବାଘଡା ରୋଡର ପ୍ରଶସ୍ତିକରଣ କରାଯାଇଥିଲା। ଜବରଦଖଲ ଉଚ୍ଛେଦ କରିବା ସହିତ ଡ୍ରେନେଜ ବ୍ୟବସ୍ଥା ମଧ୍ୟ କରାଯାଇ ଥିଲା। ତେବେ ରାସ୍ତା ଓ ଡ୍ରେନ ଠିକ୍ ଭାବେ ନିର୍ମାଣ କରାଯାଇ ନ ଥିବାରୁ ରାସ୍ତାରେ ପ୍ରବାହିତ ବର୍ଷା ଜଳ ଡ୍ରେନ ଭିତରକୁ ନ ଯାଇ ରାସ୍ତାରେ ଜମି ରହୁଛି। ଏହାର ସ୍ଥାୟୀ ପ୍ରତିକାର ଆବଶ୍ୟକ ବୋଲି ଆନ୍ଦୋଳନକାରୀ ସୁଜିତ କୁମାର ମହାନ୍ତି, ପ୍ରଦୀପ ରଥ, ଶୋଭନ ଦାସ, ଦିପୁ ଦାସ, ଲିଟୁନ ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।

## ଲାଞ୍ଚ ମାମଲାରେ ପିଇଓଙ୍କୁ ୨ ବର୍ଷ ଜେଲ୍

**ବାରିପଦା ଅଫିସ,୨୧।୬**

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ବେଣୁଧର ପାତ୍ର ଶୁକ୍ରବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଭାଲୁବସା ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଧରମା ସିଂଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ମସିହାରେ ବେତନଟୀ ଥାନା ଅନ୍ତର୍ଗତ କାଠପାଳ ଗ୍ରାମର ଧରମା ସିଂ(୫୮) ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଭାଲୁବସା ପଞ୍ଚାୟତରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟକରୁଥିଲେ। ଏହି ସମୟରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବୁଢ଼ାମରା ଅଞ୍ଚଳର ଘାସିରାମ ବେସ୍ରା ଭାଲୁବସା ପଞ୍ଚାୟତର ତାଣ୍ଡିସାହିରୁ ବୁଢ଼ାମରା ପର୍ଯ୍ୟନ୍ତ ୪ ଲକ୍ଷ ୪୫ ହଜାର ଟଙ୍କା ମୂଲ୍ୟର ଏକ ସିମେଣ୍ଟ କଂକ୍ରିଟ ରାସ୍ତାକାମ କରୁଥିଲେ। ରାସ୍ତାକାମ ସରିବା ପରେ ଘାସିରାମ ପିଇଓ ସିଂଙ୍କୁ ତାଙ୍କର ବିଲ୍ କରିବା ପାଇଁ କହିଥିଲେ। ତେବେ ପିଇଓ ସିଂ ୨୦ ହଜାର ଟଙ୍କା ଦେଲେ ବିଲ୍ କରିବେ ବୋଲି କହିଥିଲେ। ତେବେ ଉଭୟଙ୍କ ମଧ୍ୟରେ ମୂଲଚାଲ ପରେ ୧୭ ହଜାର ଟଙ୍କା ଦେବାକୁ ଘାସିରାମ ରାଜି ହୋଇଥିଲେ। ଏନେଇ ଘାସିରାମ ବାରିପଦା ଭିଜିଲାନ୍ସ ନିକଟରେ ୨୦୧୪ ମସିହା ମାର୍ଚ୍ଚ ୧୦ ତାରିଖରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୧୩/୧୪)ରେ ଏକ ମାମଲା ରୁଜୁ ହୋଇଥିଲା। ପୂର୍ବ ଯୋଜନା ଅନୁସାରେ ତା ପରଦିନ ଅର୍ଥାତ ୧୧ ତାରିଖରେ ପିଇଓ ସିଂ ଭାଲୁବସା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୧୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଶତପଥୀ ପରିଚାଳନା କରୁଥିଲେ। ସୂଚନା ଯୋଗ୍ୟ ଯେ, ପିଇଓ ସିଂ ବର୍ତ୍ତମାନ ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟ କରୁଛନ୍ତି।




## ମା’ ବାପାଙ୍କୁ ଶ୍ରେୟ ଦେଲେ ଲକ୍ଷ୍ମୀ

**କେନ୍ଦୁଝର, ୨୧।୬(ସ୍ୱ.ପ୍ର./ଡି.ଏନ୍.ଏ.)**



ସଫଳତା ପାଇଁ ଲକ୍ଷ୍ମୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ଶୁକ୍ରବାର ଅପରାହ୍ଣରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଯୁକ୍ତ ୨ କଳା ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। କେନ୍ଦୁଝରର ଝିଅ ଲକ୍ଷ୍ମୀ ଅଗ୍ରୱାଲ ଯୁକ୍ତ ଦୁଇ ବାଣିଜ୍ୟରେ ୯୫% ରଖି ସାରା ରାଜ୍ୟରେ ଟପ୍ପର ହୋଇଛନ୍ତି। ସେ ୬୦୦ ନମ୍ବରରୁ ୫୭୦ ରଖିଛନ୍ତି । ଲକ୍ଷ୍ମୀ କେନ୍ଦୁଝର ସହର ସ୍ଥିତ ସିଟିଜି ପରିଚାଳିତ କେନ୍ଦୁଝର ଜୁନିୟର କମର୍ସ କଲେଜରେ ଅଧ୍ୟୟନ କରୁଥିଲେ । ପରୀକ୍ଷାରେ ସଫଳତା ଲାଗି ସେ ନିଜ ମା’, ବାପା ଓ ସିଟିଜି ଅନୁଷ୍ଠାନକୁ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ସେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଆଶା ରଖିଥିବା କହିଛନ୍ତି। ଲକ୍ଷ୍ମୀଙ୍କ ବାପା ପ୍ରଦୀପ ଅଗ୍ରୱାଲ ଜଣେ ବ୍ୟବସାୟୀ। ସେ ମା’ ବାପାଙ୍କ ସ୍ୱପ୍ନକୁ ସାକାର କରିବା ସହ ସମାଜର ହିତ ଲାଗି କାର୍ଯ୍ୟ କରିବେ ବୋଲି କହିଛନ୍ତି।

ଲକ୍ଷ୍ମୀ ବାଣିଜ୍ୟ ଟପ୍ପର ହୋଇଥିବା ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବହୁ ଲୋକ ଆସି ଶୁଭେଚ୍ଛା ଜଣାଉଥିବାରୁ ତାଙ୍କ ଘରେ ଉତ୍ସବ ମୁଖର ପରିସ୍ଥିତି ସୃଷ୍ଟି ହୋଇଛି।

ସେହିପରି କେନ୍ଦୁଝରର ଫିଜାଇନା ଇନସାଲ କଳାରେ ଶତକଡା ୮୫ ଭାଗ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ସେ ମଧ୍ୟ ସିଟିଜି ପରିଚାଳିତ କେନ୍ଦୁଝର ଜୁନିୟର କଲେଜର ଅଧ୍ୟୟନ କରୁଥିଲେ। ଫିଜାଇନା କଳାରେ ମୋଟ ୬୦୦ରୁ ୫୦୭ ନମ୍ବର ରଖିଛନ୍ତି। ତାଙ୍କ ପିତା ସଇଦ ଆଲାମ୍ ଜଣେ ବ୍ୟବସାୟୀ। ଆଗକୁ ପାଠପଢି ଫିଜାଇନା ଜଣେ ଆଇନଜୀବୀ ହେବେ ବୋଲି କହିଛନ୍ତି। ସିଟିଜିର ଅଧ୍ୟକ୍ଷ ରୋଟାରିଆନ୍ ରାଜେନ୍ଦ୍ର ପଲେଇ ଶିକ୍ଷାନୁଷ୍ଠାନର ଟପ୍ପରଙ୍କ ସମେତ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

- ■ ବାଣିଜ୍ୟରେ ଓଡିଶା ଟପ୍ପର ହେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ
- ■ ଲକ୍ଷ୍ୟ- ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବେ
- ■ କଳାରେ ଫିଜାଇନା ଜିଲା ଟପ୍ପର

## ରେଳଷ୍ଟେଶନରୁ ନାବାଳକ ଉଦ୍ଧାର

**ବାଲେଶ୍ୱର ଅଫିସ,୨୧।୬:** ବାଲେଶ୍ୱର ରେଳଷ୍ଟେଶନ ୩ ନଂ. ପ୍ଲାଟଫର୍ମରୁ ଶୁକ୍ରବାର ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇ ଚାଇଲ୍ଡ ହେଲ୍ପଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ସେ ଏକାକୀ ବୁଲୁଥିବା ବେଳେ ରେଳବାଇ ଏଏସ୍‌ଆଇ ଇନ୍ଦୁମତି ଶୁକ୍ଲା, କନଷ୍ଟେବଲ ୟୁ.ଏନ୍. ରାଉତ, ପି. ଚନ୍ଦ୍ର ଘଡ଼େଇ ଠାବ କରିଥିଲେ। ତାଙ୍କୁ ପଚରାଉଚୁରା କରିବାରୁ ସେ ଅନୁଗୁଳ ଜିଲା ମାଣିକପୁର ଗ୍ରାମର ପ୍ରଦୀପ ମହାନନ୍ଦିଆଙ୍କ ପୁଅ ଗଗନ (୧୦) ବୋଲି କହିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ସର୍ପ ଦଂଶନରେ ନାବାଳକଙ୍କ ମୃତ୍ୟୁ

ପାଟଣା,୨୧।୬(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ଭାଲିଆଡାଳ ଗ୍ରାମରେ ଚିତି ସର୍ପ ଦଂଶନରେ ଗୁରୁବାର ଜଳଧର ଦଳଦଶିଆ(୧୭) ନାମକ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ବୁଧବାର ରାତିରେ ଶୋଇଥିବା ବେଳେ ଏହି ସାପ ତାଙ୍କ ଡାହାଣ ହାତକୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବୁଧବାର ରାତିରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସ ଆଇ ବୈଲୋଚନ ସିଂ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯ ) ରୁଜୁକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

### ମହୁମାଛି ଆକ୍ରମଣରେ ମା’ ଓ ପୁଅ ଗୁରୁତର

ଚମ୍ପୁଆ,୨୧।୬(ଡି.ଏନ.ଏ.)- କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ବସିରା ଗ୍ରାମରେ ମହୁମାଛି ଆକ୍ରମଣରେ ମା’ ସହିତ ୩ ବର୍ଷର ଶିଶୁପୁତ୍ର ଗୁରୁତର ହୋଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ସକାଳେ ବସିରା ଗ୍ରାମର ମୌସୁମୀ ପ୍ରଧାନ ନାମ୍ନୀ ଜଣେ ମହିଳା ନିଜ ୩ ବର୍ଷର ଶିଶୁପୁତ୍ର ଚିଣ୍ଟୁକ୍ ସହ ଗାଧୋଇବାକୁ ଯାଇଥିବା ବେଳେ ପୋଖରୀ ପାଖ ଅର୍ଜୁନ ଗଛ ନିକଟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ମୌସୁମୀ ଚେତାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ଆଣିଥିଲେ।

### ନବଜାତ ଶିଶୁର ମୃତଦେହ ଉଦ୍ଧାର

କେନ୍ଦୁଝର,୨୧।୬ (ସ୍ୱ.ପ୍ର.)- ସ୍ଥାନୀୟ ଆଟପୁର ସାହି ନିକଟ କବାଟଘାଇ ପୋଲ ନିକଟରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ଘଟଣାର ଅଧିକ ଅନୁସନ୍ଧାନ ଚଳାଇଛି। ଶିଶର ମୃତ୍ୟୁ ହୋଇଯିବା ପରେ ଅଭାବ ଅନଟନ କାରଣରୁ କେହି ଆଣଇ ତାଙ୍କୁ ଏଠାରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି ।
ପୋଲ ନିକଟରେ ଶିଶୁର ମୃତଦେହ ପଡିଥିବା ଜଣାପଡିବା ପରେ ସକାଳୁ ଦେଖଣାହାରୀଙ୍କ ଭିଡ ଜମିଥିଲା । ତେବେ ଶିଶୁଟି ଟି ମେଡିକାଲରେ କିମ୍ବା ଘରେ ମୃତ୍ୟୁବରଣ କରିଛି ଜଣାପଡି ନାହିଁ ।

### ବିଷାକ୍ତ ସାପ କାମୁଡାରେ ମହିଳା ମୃତ

କେନ୍ଦୁଝର,୨୧।୬ (ସ୍ୱ.ପ୍ର.)- କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ମଣଦା ଗ୍ରାମରେ ଗୁରୁବାର ରାତିରେ ଘରେ ଶୋଇଥିବା ବେଳେ ଜଣେ ମହିଳାଙ୍କୁ ଏକ ଚିତି ସାପ କାମୁଡି ଦେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଆଣି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଲୋକେ ପ୍ରଥମେ ଗୁଣିଗାରେଡିର ଆଶ୍ରୟ ନେଇ ବିଳମ୍ବରେ ଡାକ୍ତରଖାନା ଆଣିଥିଲେ। ତାଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ଅଣାଯାଇ ସେଠାରୁ କେନ୍ଦୁଝରକୁ ଅଣାଯାଇଥିଲା । ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ଅବସର ନେବାକୁ ୯ ଦିନ ବାକି, ମିଳିଲା ପଦୋନ୍ନତି

ବଡବିଲ, ୨୧।୬(ସ୍ୱ.ପ୍ର.)- ଚାକିରିରୁ ଅବସର ନେବାକୁ ଆଉ ମାତ୍ର ୯ ଦିନ ବାକି । ଏପରିସ୍ଥଳେ ବଡବିଲ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତଙ୍କୁ ସହକାରୀ ବନ ସଂରକ୍ଷକ ଭାବେ ପଦୋନ୍ନତି ଦିଆଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ତା ୨୧।୬।୨୦୧୯ରିଖ ଚିଠି ସଂଖ୍ୟା, ୨ଏଫ (ଆରସି) ୧୬/ ୨୦୧୮/ ୧୧୫୩୦/ ଏଫ ଆଣ୍ଡ ଇ ଯୋଗେ ଏଷନଇ ଅଧିସୂଚନା ଜାରି କରିଥିବା ଜଣାପଡିଛି। ଏହି ଅଧିସୂଚନା ଅନୁଯାୟୀ ବଡବିଲ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତଙ୍କୁ ସହକାରୀ ବନ ସଂରକ୍ଷକ ଭାବେ ପଦୋନ୍ନତି ମିଳିଛି। ତେବେ ଆସନ୍ତା ୩୦ ତାରିଖରେତାଙ୍କ ଚାକିରି କାଳ ଶେଷ ହେଉଥିବାରୁ ଏହି ଘୟଣା ବିଭାଗରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବଢୁଛି ଅଡୁଆ, ପ୍ରଶାସନ ପାଉନି ବାଟ

ଚମ୍ପୁଆ,୨୧।୬(ଡି.ଏନ.ଏ.)


ଗ୍ରାମବାସୀଙ୍କ ଧାରଣା, ଆନ୍ଦୋଳନ।

- ୫ମ ଦିନରେ ବଡକାଳିମାଟି ଗ୍ରାମବାସୀଙ୍କ ଧାରଣା ଅନଶନ
- ଦାବି ପୂରଣ ଲାଗି ଜିଦ୍‌ରେ ଅଟଳ
- ଚିକିତ୍ସାସେବା ନେବାକୁ ମନାକଲେ

କମ୍ପାନୀର ପ୍ରତାରଣା ବିରୋଧରେ କେନ୍ଦୁଝର ଜିଲା ବଡକାଳିମାଟି ଗ୍ରାମବାସୀ ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟଠାରେ ଚଳାଇଥିବା ଅନଶନ ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ଅନଶନକାରୀଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେଉଥିବା ସତ୍ତ୍ୱେ ସେମାନେ ସରକାରୀ ସ୍ୱାସ୍ଥସେବା ଆଉ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ସ୍ଥିତି ଦିନକୁ ଦିନ ବିଗିଡିବାକୁ ବସିଥିବା ବେଳେ ପ୍ରଶାସନ ଏଯାଏ ସମାଧାନର ବାଟ ଖୋଜି ପାଇ ନ ଥିବା କୁହାଯାଉଛି।

ଉଲ୍ଲେଖନୀୟ ଯେ,ଅନଶନକାରୀଙ୍କ ମଧ୍ୟରୁ ୯ଜଣ ଅସୁସ୍ଥ ହୋଇ ପଡିବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନେ ସୁସ୍ଥ ହେବାପରେ ପୁଣି ଆସି ଅନଶନରେ ବସିଛନ୍ତି। ଏସ୍‌ଆର୍ କମ୍ପାନୀ ସ୍ଥାନୀୟ ଅଞ୍ଚଳର ଉନ୍ନତି କରିବା ଲାଗି ଦେଇଥିବା ପ୍ରତିଶ୍ରୁତି ପୂରଣ କରୁ ନଥିବାବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଦର୍ଶାଇ ଗ୍ରାମବାସୀ ଏହି ଆମରଣ ଅନଶନ ଚଳାଇଛନ୍ତି। ସେମାନେ ୩ ଦିନ ଧରି ଅନଶନ କରିବା ପରେ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ ୧୪୪ ଧାରା ଜାରି କରାଯାଇଥିଲା। ଏହାପରେ ପୋଲିସ ସେଠାରୁ ଅନଶନକାରୀ ଓ ସମର୍ଥକଙ୍କୁ ଉଠାଇ ନେବାରୁ ଅଡୁଆ ବଢିଥିଲା। ପୋଲସ ୧୯ ଜଣଙ୍କ ନାମରେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଏହାର ପ୍ରତିବାଦରେ ଉପସ୍ଥିତ ସମର୍ଥକମାନେ ସମସ୍ତଙ୍କ ନାମରେ ମାମଲା ରୁଜୁ କରି ଦାବି କରି ଥାନା ଆଗରେ ବସି ରହିଥିଲେ। ଶେଷରେ ୯୮ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରି ଉପଜିଲାପାଳଙ୍କ କୋର୍ଟରେ ହାଜର କରିଥିଲା। ଏହି ଅନଶନକାରୀ ପିଆର୍ ବଣ୍ଡରେ ଯିବାକୁ ମନା କରଦେବା ସହ ଘଟଣାର ସମାଧାନ ଲାଗି ପ୍ରଶାସନ ପକ୍ଷରୁ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ ମଗାଯାଇଥିବା ସମୟ ପ୍ରସ୍ତାବକୁ ମଧ ଗ୍ରହଣ କରି ନ ଥିଲେ। ସରକାର ସେମାନଙ୍କ ଦାବି ଶୁଣୁ ନ ଥିବା ଦର୍ଶାଇ ଗ୍ରାମବାସୀ ଜିଦ୍‌ରେ ଅଟଳ ରହି ଉପଜିଲାପାଳ କାର୍ଯ୍ୟାଳୟରେ ବସି ଧାରଣା ଜାରି ରଖିବେ ବୋଲି ପ୍ରଶାସନକୁ ସୂଚନା ଦେଇଛନ୍ତି। ଏ ନେଇ ଉପଜିଲାପାଳ ଦାୟିତ୍ୱରେ ଥିବା ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲଙ୍କୁ ପଚାରିବାରୁ କହିଛନ୍ତି, ବୁଝାଶୁଝା ପରେବି ଗ୍ରାମବାସୀ ଧାରଣା ଅନଶନ ଚାଲୁରଖିଛନ୍ତି। ପୂର୍ବରୁ ସମାଧାନ ପାଇଁ ୧୫ ଦିନ ସମୟ ମଗାଯାଇଥିଲା । ଅନଶନକାରୀମାନେ ତାହାଶୁଣି ନ ଥିଲେ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ।

# କେନ୍ଦୁଝର ଜିଲାରେ ଯୁକ୍ତ ୨ କଳାରେ ପାସ୍ ହାର ହ୍ରାସ, ବାଣିଜ୍ୟରେ ବୃଦ୍ଧି

କେନ୍ଦୁଝର, ୨୧।୬(ଡିଏନ୍ଏ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଯୁକ୍ତ୨ କଳା,ବାଣିଜ୍ୟ ଓ ବୈଷୟିକ ଶିକ୍ଷାର ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି। କେନ୍ଦୁଝର ଜିଲାରେ କଳାରେ ୫୫.୦୨,ବାଣିଜ୍ୟରେ ୫୯.୪୧ ଓ ବୈଷୟିକ ଶିକ୍ଷାରେ ୪୦.୮୩% ପାସ୍ ହାର ରହିଛି। ଗତବର୍ଷ ତୁଳନାରେ କଳାରେ ପାସ୍ ହାର ହ୍ରାସ ପାଇଥିବା ବେଳେ ବାଣିଜ୍ୟରେ ବୃଦ୍ଧି ପାଇଛି।

ଉଲ୍ଲେଖନୀୟ ଯେ ଏଥର ଯୁକ୍ତ ଦୁଇ ୨ କଳାରେ ଜିଲାରୁ ମୋଟ ୮୫୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୨୮ ,ଦ୍ୱିତୀୟ ଶ୍ରେଣୀରେ ୫୪୫ ଓ ତୃତୀୟ ଶ୍ରେଣୀରେ ୩୮୪୫ ଏବଂ କମ୍ପାଟମେଣ୍ଟାଲରେ ଜଣେ ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୪୭୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୬ ଜଣ କପି କରି ଧରାପଡିଥିବାରୁ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ ପାଇନାହିଁ। ସେହିପରି ଯୁକ୍ତ ୨ ବାଣିଜ୍ୟରେ ୭୪୯ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୬, ଦ୍ୱିତୀୟ ଶ୍ରେଣୀରେ ୭୩, ତୃତୀୟ ଶ୍ରେଣୀରେ ୨୮୬ ଜଣଙ୍କୁ ମିଶାଇ ମୋଟ ୪୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୈଷୟିକ ଶିକ୍ଷାରେ ୪୦୯ ଜଣ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୭,ଦ୍ୱୀୟ ଶ୍ରେଣୀରେ ୯୯,ତୃତୀୟ ଶ୍ରେଣୀରେ ୩୩ ଏବଂ କମ୍ପାଟମେଣ୍ଟାଲରେ ୧୮ ଜଣ ପାସ୍ କରିଛନ୍ତି। ମୋଟ ୧୬୭ ଜଣ ପରୀକ୍ଷାର୍ଥୀ ପାସ୍‌କରିଥିବାବେଳେ ୧୬ଜଣ ପରୀକ୍ଷାର୍ଥୀ କପି କରି ଏମ୍‌ପି ହୋଇଛନ୍ତି। ଜଣେ ପରୀକ୍ଷାର୍ଥୀଙ୍କର ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। କେନ୍ଦୁଝର ଜିଲାରେ ଗତବର୍ଷ ଯୁକ୍ତ ୨ କଳାରେ ୬୦.୫୨% ପାସ୍ ହାର ଥିବାବେଳେ ଚଳିତବର୍ଷ ଏହି ହାର ହ୍ରାସ ପାଇ ୫୫.୦୨% ରହିଛି। ଗତବର୍ଷ ଯୁକ୍ତ ୨ ବାଣିଜ୍ୟରେ ୪୨.୪୭% ଛାତ୍ରଛାତ୍ରୀ ପାସ କରିଥିବାବେଳେ ଚଳିତବର୍ଷ ୫୯.୪୧ % ଛାତ୍ରଛାତ୍ରୀ ପାସ କରିଛନ୍ତି। ଗତବର୍ଷ ତୁଳନାରେ ବାଣିଜ୍ୟରେ ପ୍ରାୟ ଅଧିକ ୧୭ ପ୍ରତିଶତ ପାସ୍ ହାର ରହିଛି।

# ‘ସାହିତ୍ୟ ମାଧ୍ୟମରେ ପରିବର୍ତ୍ତନ ସମ୍ଭବ’

ଶୁଭକାନ୍ତ ନାୟକ
ହାଟଡିହୀ,୨୧।୬(ଡି.ଏନ୍.ଏ.)



**ବହୁମୁଖୀ ପ୍ରତିଭା କବି ଚିତ୍ତରଞ୍ଜନ, ଯାହାଙ୍କ ଲେଖନୀରୁ ଝରିଥାଏ ଶବ୍ଦରେ ମିଠାମିଠା ମହକ। କେବଳ କବିତା ନୁହେଁ ବିଭିନ୍ନ କ୍ଷେତ୍ରରେ ସେ ନିଜ ପ୍ରତିଭା ପ୍ରଦର୍ଶନ କରି ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।**

ସାହିତ୍ୟ ମାଧ୍ୟମରେ ସମାଜ ଜୀବନକୁ ସରସ ସୁନ୍ଦର କରି ଗଢି ହେବ । ଏଭଳି ଆତ୍ମଚେତନା ଓ ବିଶ୍ୱାସକୁ ନେଇ ତାଙ୍କ ଲେଖନୀ ଚଳଚଞ୍ଚଳ ରହିଛି। ସେ କବିତା ମାଧ୍ୟମରେ ସମାଜ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଶାନ୍ତି, ପ୍ରେମ, ପୁଲକ ଓ ସହୃଦୟତାର ବାର୍ତ୍ତା ବାଣ୍ଟି ଆସୁଛନ୍ତି ବୋଲି ଖ୍ୟାତି ସମ୍ପନ୍ନ ଯୁବ କବି ଚିତ୍ତରଞ୍ଜନ ନାୟକ କହିଛନ୍ତି। କେବଳ ଜଣେ କବି ଭାବେ ନୁହେଁ ସମାଜ ସେବାମୂଳକ କାର୍ଯ୍ୟ ପ୍ରତି ରୁଚି ରଖି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିନ୍‌ପାରିଛନ୍ତି। ଶିକ୍ଷାଦାନ, କ୍ରିକେଟ ଖେଳିବା, ଇଂରାଜୀ ଓ ହିନ୍ଦୀରେ ଖେଳର ଧାରାବିବରଣୀ ଦେବା, ମଞ୍ଚ ଅଭିନୟ ଆଦି କ୍ଷେତ୍ରରେ ସେ ମଧ ତାଙ୍କ ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଛନ୍ତି।

ଚିତ୍ତରଞ୍ଜନ କହନ୍ତି, କବିତା ତାଙ୍କ ଜୀବନର ଏକ ଅଙ୍ଗ। କବିତା ବିନା ଜୀବନର ମାନେ କିଛି ରହେନା। ଏଥିଲାଗି ଶବ୍ଦର ମିଠାମିଠା ମହକରେ ସେ ମନର ଭାବକୁ ବାନ୍ଧି ରଖନ୍ତି। କବିତାର ସାରସ୍ୱତ ବିଭବ ଜୀବନକୁ ସରସ ସୁନ୍ଦର କରିବା କ୍ଷମତା ରଖେ ।

କେନ୍ଦୁଝର ଜିଲା ଘଟଗାଁରେ ଚିତ୍ତରରଞ୍ଜନ ସମ୍ପ୍ରତି ଜିପିଓ ଭାବେ କାର୍ଯ୍ୟ କରୁଛନ୍ତି। ଘର ହାଟଡିହୀ ବ୍ଲକ ଡଅଁର ଗ୍ରାମରେ। ପ୍ରଶାସନିକ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଅବସର ସମୟରେ ସେ ଲେଖନୀ ଚଳାଇ କରି ସୃଜନଶୀଳ ପ୍ରତିଭାକୁ ବିକଶିତ କରିଛନ୍ତି। ୧୯୭୯ରେ ତାଙ୍କର ଜନ୍ମ । ପିଲାବେଳେ ଶିଶୁକବିତା ଲେଖୁଥିଲେ। ପରେ ଆଧୁନିକ କବିତା ଲେଖି ଆସୁଛନ୍ତି । କଲିକତାରୁ ପ୍ରକାଶିତ ପ୍ରତିବେଶୀ ପତ୍ରିକାରେ ତାଙ୍କର ପ୍ରଥମ କବିତା ୨୦୦୦ରେ ପ୍ରକାଶ ପାଇଥିଲା । ସମାଜ ସଚେତନତା ଓ ପ୍ରେମ ଉପରେ ଆଧାରିତ ତାଙ୍କ ରଚିତ କବିତା ପାଠକୀୟ ଆଦୃତି ଲାଭ କରିବା ତାଙ୍କୁ ଉତ୍ସାହିତ କରି ଆସିଛି। ୨୦୦୮ରେ ସେ ଚନ୍ଦ୍ରଭାଗା କବିତା ସମ୍ମାନ, ୨୦୦୯ ରେ ସୁରୁଚି ସାହିତ୍ୟ ସମ୍ମାନ, ୨୦୧୪ରେ ଫକୀରମୋହନ ସାହିତ୍ୟ ସମ୍ମାନ, ୨୦୧୬ରେ ସଚିବାଳୟ ଲେଖକ ପରିଷଦ ପକ୍ଷରୁ ଉଦୀୟମାନ ଯୁବ କବି ସମ୍ମାନ ଓ ସିନ୍ଦୁରା ସାହିତ୍ୟ ସଂସଦ ତରଫରୁ ଶ୍ରେଷ୍ଠ କବିତା ପୁରସ୍କାର ଭଳି ବହୁ ସମ୍ମାନ ଲାଭ କରିଛନ୍ତି। ୨୦୧୮ ପାଇଁ ମର୍ଯ୍ୟାଦା ଜନକ କଳିଙ୍ଗ ଲିଟେରାରୀ ୟୁଥ୍ ଆଓାର୍ଡ଼ ପାଇବାକୁ ସେ ମନୋନୀତ ହୋଇଛନ୍ତି। ଇଂରାଜୀ ପତ୍ରିକା ବ୍ରାଉନ କ୍ରିଟିକ, ରକ ପେବଲସ,ରିପବ୍ଲିକ, ନିଓ ହୋପ, ପୋଏଟ୍ରି, ଟୁଡେରେ ତାଙ୍କର କବିତା ପ୍ରକାଶିତ ହୋଇଛି। ଏହାଛଡା ବିଭିନ୍ନ ଖବରକାଗଜ ଓ ପତ୍ରିକାରେ ୫୦୦ରୁ ଊର୍ଦ୍ଧ କବିତା ପ୍ରକାଶ ପାଇଛି। ସ୍ତ୍ରୀ ଜ୍ୟୋତ୍ସାମୟୀ ଓ ଦୁଇ ପିଲାଙ୍କୁ ନେଇ ତାଙ୍କ ସଂସାର । ମା’ ମନୋରମା ଓ ବାପା ସ୍ୱର୍ଗତ ରବୀନ୍ଦ୍ରଙ୍କର ସେ ଏକମାତ୍ର ପୁତ୍ର। ବାପା ରବୀନ୍ଦ୍ର ଥିଲେ ଜଣେ ଭଲ ବକ୍ତା ଓ ସାହିତ୍ୟ ଅନୁରାଗୀ। ତାଙ୍କ ଆଦର୍ଶ ଓ ପ୍ରେରଣାରେ ପ୍ରଭାବିତ ହୋଇ ସେ ସାହିତ୍ୟକୁ ଆପଣାର କରିଛନ୍ତି। ଜଣେ ମେଧାବୀ ଛାତ୍ର ହିସାବରେ ଗାଁ ସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରି ଭଦ୍ରକ କଲେଜରେ ଯୁକ୍ତ ୨ ଓ ଯୁକ୍ତ ୩ କଳା ବିଭାଗରେ ଅଧ୍ୟୟନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଚାକିରି ଜୀବନ ଆରମ୍ଭ କରିଥିଲେ। ଜଣେ ଶାନ୍ତ, ସରଳ ମଣିଷ ଭାବରେ ସେ ସମସ୍ତଙ୍କ ସହ ସହଜରେ ମିଶିଯାନ୍ତି। ଶେଷ ଜୀବନ ପର୍ଯ୍ୟନ୍ତ ତାଙ୍କ ଲେଖନୀ ଚାଲୁଥିବ ଓ ସମାଜସେବାରେ ସେ ନିଜକୁ ନିୟୋଜିତ କରି ରଖିଥିବେ ବୋଲି କହିଛନ୍ତି।

### ପାଟଣା ଅଞ୍ଚଳରେ ଯୁକ୍ତ ୨ କଳା, ଧନ୍ଦାମୂଳକ ପରୀକ୍ଷାଫଳ

ପାଟଣା ୨୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣାଅଞ୍ଚଳର ସୱାମପାଟଣାସ୍ଥିତ ଆଞ୍ଚଳିକ ହାୟର ସେକେଣ୍ଡାରୀ ସ୍କୁଲରେ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ୨୪୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କଳାରେ ୩୯ ପ୍ରତିଶତ ଓ ଧନ୍ଦା ମୂଳକ ପରୀକ୍ଷାରେ ୪୭ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ତୁରୁମୁଙ୍ଗା ସ୍ଥିତ ଦଧିବାମାନ ହାୟର ସେକେଣ୍ଡାରୀ ସ୍କୁଲରେ ୧୧୭ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୪ଜଣ ପାସ କରିଥିବା ବେଳେ ଡୁମୁରିଆ ସ୍ଥିତ ଭୀମକୁଣ୍ଡ ହାୟର ସେକେଣ୍ଡାରୀ ସ୍କୁଲରେ ୯୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୯ଜଣ ପାସ କରିଛନ୍ତି। ତୁରୁମୁଙ୍ଗା ରେ ପାସ ହାର ୭୧ ପ୍ରତିଶତ ଥିବା ବେଳେ ଡୁମୁରିଆରେ ୬୧ପ୍ରତିଶତ ରହିଛି।

### ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ପାଟଣା,୨୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କେଦେଇପଶି ପଞ୍ଚାୟତ ହାଇସ୍କୁଲଠାରେ ବ୍ଲକର ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟକୁ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ବିଧାୟକ ଜଗନ୍ନାଥ ନାଏକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କେଇଛନ୍ତି। ଚଳିତ ବର୍ଷଠାରୁ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ ତରଫରୁ ପ୍ରଚଳିତ ସିବିଏସଇ ପାଠ୍ୟକ୍ରମ ଢାଞ୍ଚାରେ ଏହି ବିଦ୍ୟାଳୟରେ କେବଳ ୬ଷଷ୍ଠ ଶ୍ରେଣୀର ୮୦ଛାତ୍ରୀ ଛାତ୍ରଙ୍କୁ ଶିକ୍ଷାଦାନ କରାଯିବ । ଉଦଘାଟନୀ ଉତ୍ସବରେ ପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷାଆଧିକାରୀ ପୂର୍ଣ୍ଣ ଚନ୍ଦ୍ର ଓମାତ, ଏବିଇଓ ଜଗବନ୍ଧୁ ମହାନ୍ତ ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ବିଳମ୍ବରେ ପାଟଣା ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଉଥିବା ବେଳେ ଏହାର ନିଜସ୍ୱ କୋଠା ନିର୍ମାଣରେ ଅହେତୁକ ବିଳମ୍ବ ଘଟିଥିବାରୁ ଏନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏଠାରେ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ


ଅତିଥିଙ୍କ ସହ ପ୍ରଶିକ୍ଷଣ ପ୍ରମାଣପତ୍ର ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ।

ବଡବିଲ, ୨୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରପରିଷଦ ତରଫରୁ ଶୁକ୍ରବାର ପୌର ସଫେଇ କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। ସ୍ଥାନୀୟ ବିକାଶ ମହଲ ସଭା ଗୃହରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପୌର ବରିଷ୍ଠ କିରାଣି ରମେଶ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦୁଝର ଜିଲା ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି (ଡିୟୁଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ପୌର ଗୋଷ୍ଠୀ ସଂଗଠକ ଶୁଭଶ୍ରୀ ବେଜ୍, ପୌର କନିଷ୍ଠଯନ୍ତ୍ରୀ ମାନସ କୁମାର ମାଝୀ ଓ ସଫେଇ ନିରୀକ୍ଷକ କାଳୀ ଚରଣ ମହାନ୍ତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ସିଂହ, ରାଜେନ୍ଦ୍ର କୁମାର ଦାସ, ଗୌତମ ମହାନ୍ତ, ସୌମ୍ୟରଞ୍ଜନ ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଫେଇ କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଜମାକାରୀଙ୍କ ଖାତାରୁ ଟଙ୍କା ଉଭାନ

ହାଟଡିହୀ, ୨୧।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଳିଗାଁ ପଞ୍ଚାୟତ ତାମ୍ପଳା ଗ୍ରାମର ଶଙ୍ଖାଳୀ ଯେନାଙ୍କ ପୁଅ ବିନୋଦ ସରକାରୀ ଆବାସ ଯୋଜନାରେ ବ୍ଲକ ତରଫରୁ ଏକ ବାସଗୃହ ପାଇଥିଲେ। ତାଙ୍କୁ ପ୍ରଥମ କିସ୍ତିରେ ୨୦ହଜାର, ଦ୍ୱିତୀୟ କିସ୍ତିରେ ୩୫ ହଜାର ଓ ତୃତୀୟ କିସ୍ତିରେ ୪୫ହଜାର ଟଙ୍କା ମିଳିଥିଲା । ବ୍ଲକ ତରଫରୁ ଉକ୍ତ ଟଙ୍କା ବିନୋଦଙ୍କ ହାଟଡିହୀ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଥିବା ଆକାଉଣ୍ଟରେ ଜମା ହୋଇଥିଲା। ଏହାପରେ ୪ର୍ଥ କିସ୍ତି ବାବଦରେ ୩୦ହଜାର ଟଙ୍କା ଗତ ୭ ତାରିଖରେ ଜମା ହୋଇଥିଲା । ବିନୋଦ ଗତ ୧୮ ତାରଖିଖରେ ଟଙ୍କା ଉଠାଣ ଲାଗି ବ୍ୟାଙ୍କକୁ ଯାଇଥିବା ବେଳେ ଉକ୍ତ ଟଙ୍କା ଉଠାଣ ହୋଇସାରିଥିବା ଜାଣିବାକୁ ପାଇଥିଲେ। ବ୍ୟାଙ୍କରେ ପଚରାଉଚୁରା କରିବାରୁ କର୍ମଚାରୀମାନେ ବିରକ୍ତ ହୋଇ ତାଙ୍କୁ ସେଠାରୁ ବାହାର କରିଦେଇଥିଲେ। ଏହାପରେ ସେ ନନ୍ଦିପଦା ଥାନାକୁ ଯାଇ ଏ ନେଇ ଅଭିଯୋଗ କରିଥିବା ଜଣାପଡିଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରା ନ ଗଲେ ଆସନ୍ତା ଜୁଲାଇ ୩ତାରିଖରେ ବିନୋଦ ଆନନ୍ଦପୁର ଉପଜିଲାପାଳ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ବ୍ୟାଙ୍କ ସହ ଯୋଗାଯୋଗ କରିବାରୁ ଗ୍ରାହକ ନିଜେ ଟଙ୍କା ଉଠାଣ ଲାଗି ଫର୍ମ ନେଇଥିବା କୁହାଯାଇଛି ।

# ନିରନ୍ତର ଖାଦ୍ୟ ପ୍ରଣାଳୀ ଓ ପୋଷଣ ମୂଲ୍ୟବୋଧ କର୍ମଶାଳା

କେନ୍ଦୁଝର, ୨୧।୬(ଡି.ଏନ୍.ଏ.)

ପିକକ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ‘ନିରନ୍ତର ଖାଦ୍ୟ ପ୍ରଣାଳୀ ଓ ପୋଷଣ ମୂଲ୍ୟବୋଧ’ ସଂକ୍ରାନ୍ତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସତ୍ୟପ୍ରିୟଦର୍ଶନୀ ସାହୁ, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ପରିବେଶ ବିଶେଷଜ୍ଞ ଦୀପକ କୁମାର ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗ ପରାମର୍ଶଦାତ୍ରୀ ମଧୁମିତା ଦାସ, ଜିଲା ଯୋଗାଣ ବିଭାଗର ମନମୋହନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶତାଧିକ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯୋଗ ଦେଇଥିଲେ। ପିକକ୍‌ର କାର୍ଯ୍ୟକ୍ରମ ସଂଯୋଜକ ସତ୍ୟନାରାୟଣ ମହାନ୍ତ, ପ୍ରକଳ୍ପ ସଂଯୋଜକ ହରିହର ବଳବନ୍ତରାୟ, ସଂଯୋଜକ ଉମ୍ବରୁଧର ସେଠୀ ଓ ସସ୍ମିତା ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ ସ୍ତରୀୟ ଜୀବିକା ମିଶନ୍‌ର ସମୀକ୍ଷା



ଜୀବିକା ମିଶନର ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ।

ପାଟଣା,୨୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନରେ ଓଡିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରୀ ଯୋଜନାରେ ସଂୟ ସହାୟିକା ଗୋଷ୍ଠୀ କିଭଳି ସାମାଜିକ ଓ ଅର୍ଥନୈତିକ ବିକାଶ ଘଟାଇପାରିବେ ସେ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ସଂୟଂ ସହାୟିକା ଗୋଷ୍ଠୀ ତରଫରୁ ଏହି ଅବସରରେ ପାଟଣାର ନବ ର୍ନିବାଚିତ ବିଧାୟକ ଜଗନ୍ନାଥ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସମୀକ୍ଷା ବୈଠକରେ ପାଟଣା ବିଡ଼ିଓ ପ୍ରଫୁଲ୍ଲ କୁମାର ନାୟକ ଅଧକ୍ଷତା କରିଥିଲେ। ଏଥିରେ ବିଧାୟକ ଜଗନ୍ନାଥ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ବିତ୍ତ ଅଧିକାରୀ ଧନେଶ୍ୱର ନାଏକ, ଏପିଓ ଦୀପକ କୁମାର ବେହେରା, ସିଡିପିଓ ତିଳୋତ୍ତମା ମହାପାତ୍ର ଓ ବ୍ଲକର ଜୀବିକା ମିଶନର ପଞ୍ଚାୟତ ସ୍ତରୀୟ ସମସ୍ତ ସଭାପତି ଓ ସମ୍ପାଦକ ଯୋଗ ଦେଇ ଥିଲେ। ବିପିଏମ ମନୋରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# କ୍ଷତିଗ୍ରସ୍ତ ମାଛ ଯାଆଁଳ କେନ୍ଦ୍ରର ମାପଚୁପ କଲା ପ୍ରଶାସନ

କେନ୍ଦୁଝର, ୨୧।୬ (ସ୍ୱ.ପ୍ର.)



ଅଧିକାରୀମାନେ ମାପଚୁପ କରି ମାଛ ଯାଆଁଳ କେନ୍ଦ୍ରର କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି।

କେନ୍ଦୁଝର ଜିଲା କାନପୁର ଜଳସେଚନ ପ୍ରକଳ୍ପ ପକ୍ଷରୁ କେନାଲ ଖୋଳା ଯିବା ଯୋଗୁଁ ଝୁମ୍ପୁରା ବ୍ଲକ ମାଛ ଯାଆଁଳା କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏଥିଲାଗି ଦୀର୍ଘ ୪ ବର୍ଷ ହେବ ମାଛ ଯାଆଁଳ ଉତ୍ପାଦନ ବନ୍ଦ ରହିଛି। ମାଛ ଚାଷୀମାନେ ଯାଆଁଳ ନ ପାଇ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜି ବସିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇ ମଙ୍ଗଳବାର ଜମିର ମାପଚୁପ ଆରମ୍ଭ କରିଛି। ମତ୍ସ୍ୟ ବିଭାଗ, ରାଜସ୍ୱ ବିଭାଗ ଓ ଜଳସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମାଛ ଯାଆଁଳା କେନ୍ଦ୍ରର କେତେ କ’ଣ କ୍ଷୟକ୍ଷତି ଘଟିଛି, ତାହାର ଆକଳନ କରାଯାଇଥିବା ଜଣାପଡିଛି।

ଉଲ୍ଲେଖନୀୟ ଯେ, ସମୁଦାୟ ୧୧ ଏକର ୩୮ ଡେସିମିଲ ଜମିରେ ଥିବା ଏହି ମାଛ ଯାଆଁଳ କେନ୍ଦ୍ର ପରିସରରେ ସରକାରୀ ଅଫିସ ଗୃହ ଓ କ୍ୱାର୍ଟର୍ସ ରହିଥିଲା। ଏହାର ଜଗାରଖା ପାଇଁ କର୍ମଚାରୀ ରହୁଥିଲେ । ମାପଚୁପ ବେଳେ ଏଥିରୁ ୬ ଏକର ୨୦ ଡେସିମିଲ ଜମି ଉପରେ କେନାଲ ନିର୍ମାଣ ହୋଇଥିବା ଜଣାପଡିଛି। ଝୁମ୍ପୁରା ତହସିଲଦାରଙ୍କ ଉପସ୍ଥିତିରେ ତହସିଲ କର୍ମଚାରୀ ମାପଚୁପ କରିବା ପରେ କ୍ଷୟକ୍ଷତିର ପ୍ରକୃତ ଚିତ୍ର ପଦାକୁ ଆସିଛି। ଏହି ମାପଚୁପ ବେଳେ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ଜେ. ଲାକ୍ରା, ଜିଲା ମତ୍ସ ଅଧିକାରୀ ମନୋରମା ମହାପାତ୍ର, କେନାଲ ଡିଭିଜନର ଏସଡିଓ କନ୍ଦର୍ପ ବେହେରା, ଝୁମ୍ପୁରା ସହକାରୀ ମତ୍ସ ଅଧିକାରୀ ପ୍ରିୟଙ୍କା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କେନାଲ ଖୋଳା ଯାଇଥିବା ଜମି ବାବଦକୁ କ୍ଷତିପୂରଣ ମିଳିଲେ ଏହି କେନ୍ଦ୍ରର ପୁନରୁଦ୍ଧାର କରାଯାଇପାରିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ ମନୋରମା କହିଛନ୍ତି।

୧୯୯୬ ମସିହାରେ ସ୍ଥାପନ ହୋଇଥିବା ଏହି କେନ୍ଦ୍ରରୁ ପ୍ରତିବର୍ଷ ୨୨ ଲକ୍ଷ ମାଛ ଯାଆଁଳା ଉତ୍ପାଦନ ହେଉଥିଲା । ଝୁମ୍ପୁରା, ଚମ୍ପୁଆ, ବଡବିଲ, ଯୋଡା ଆଦି ଅଞ୍ଚଳର ମାଛଚାଷୀ ଏହି କେନ୍ଦ୍ରରୁ ଯାଆଁଳ ସଂଗ୍ରହ କରୁଥିଲେ। ବେଆଇନ ଭାବେ ଏଠାରେ କେନାଲ ଖୋଳାଯିବା ପରେ ଉକ୍ତ କେନ୍ଦ୍ର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଫଳରେ ମାଛ ଚାଷୀ ଘରୋଇ ବେପାରୀ ଓ ପଶ୍ଚିମବଙ୍ଗ ବେପାରୀଙ୍କଠାରୁ ଯାଆଁଳା ସଂଗ୍ରହ କରୁଥିଲେ । ପୂର୍ବରୁମାଛ ଜ୍ରାଁଳ ଚାଷ ଲାଗି ଏହି କେନ୍ଦ୍ରରେ ୧୭ ଟି ପୋଖରୀ ରହିଥିଲା। କେନାଲ ଖୋଳାଯିବା ପରେ ସେଥିରୁ ୧୦ ଟି ନଷ୍ଟ ହୋଇଯାଇଥିବା ଜଣାପଡିଛି।